ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି . ଛକ, କଟକ - ୭୫୩୦୦୩,

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·DDAC/୦୯/୧୨-୧୩ ତା ୧୫/୦୩/୨୦୧୩

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୬/୦୩/୨୦୧୩ ସମୟ ଦିବା ୧୧ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ୱର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଶିଳ୍ପଦ୍ୟୋଗ/ଗାଡି/ସ୍ଥାବର/ଅସ୍ଥାବର ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ ଗୁଡିକ ଆମ୍ଭର କାର୍ଯ୍ୟାଳୟରୁ କିମ୍ବା ଆମ୍ଭର ଶାଖା କାର୍ଯ୍ୟାଳୟରୁ ଟ୪୦୦/- ଦେଇ ନଚେତ୍ ଆମ୍ଭର ୱେବ୍ ସାଇଟ୍ '**www.osfcindia.com**' ମାଧ୍ୟମରୁ ସଂଗ୍ରହ କରିପାରିବେ । ଯଦି ଆମ୍ଭର ୱେବ୍ ସାଇଟ୍ ରୁ ଫର୍ମ ସଂଗ୍ରହ କରନ୍ତି ତେବେ ଆବେଦନ କାରୀଙ୍କୁ ଟେଣ୍ଡର ଫର୍ମ ମୂଲ୍ୟ ବାବଦକୁ ଅଲଗା ଭାବେ ୪୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ/ପେ ଅର୍ଡର ମାର୍ଫତ ଓଡିଶା ରାଜ୍ୟ ଅର୍ଥ ନିଗମ, ଦେୟ କଟକ ଠାରେ କରିବାକୁ ହେବ । ଟେଣ୍ଡର ଫର୍ମ ଗୁଡିକ ଠିକ୍ ଭାବେ ଏବଂ ସମସ୍ତ ଆବଶ୍ୟକତାକୁ ପୂରଣ କରି ଏହା ସହିତ ନିଜର ପରିଚୟ ପତ୍ରର ପ୍ରମାଣ ଏବଂ ନିର୍ଦ୍ଧାରିତ ସମ୍ପତ୍ତିର ଅମାନତ ଜମା ସହ ତା ୨୫/୦୩/୨୦୧୩ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ କିମ୍ବା ସଂପୃକ୍ତ ସମ୍ପତ୍ତିର ଜିଲ୍ଲାର ନିଗମ କାର୍ଯ୍ୟାଳୟ ଠାରେ ପ୍ରଦାନ କରିବାକୁ ହେବ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ । ନିଲାମଧାରୀ ସ୍ୱ ଇଚ୍ଛାରେ ପୂର୍ବରୁ ସେମାନଙ୍କର ଅବଗତ ନିମନ୍ତେ ବିକ୍ରୟ ଉଦ୍ଦିଷ୍ଟ ସମ୍ପତ୍ତି ବାବଦରେ ଆମ୍ଭ କାର୍ଯାଳୟରୁ କିମ୍ବା ସଂପୃକ୍ତ ଜିଲ୍ଲା କାର୍ଯ୍ୟାଳୟ ଠାରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏବଂ ସମ୍ପତ୍ତିର କାଗଜପତ୍ର ପରୀକ୍ଷା ନିରିକ୍ଷା କରିବା ପରେ ଟେଣ୍ଡର ଆବେଦନ କରିବେ । ବିକ୍ରୟ ସମ୍ପତ୍ତି ନିଲାମଧାରୀଙ୍କୁ ହସ୍ତାନ୍ତର କରିବା ପରେ କୌଣସି ମାମଲା ହେଲେ ନିଗମ ଦାୟୀ ରହିବ ନାହିଁ । **IDCO** ପ୍ରଦତ/ ସରକାରୀ ଲିଜ୍ ଜମି ବାବଦରେ ନିଲାମଧାରୀ ଲିଜ୍ ର ସର୍ତ୍ତ ପାଳନ କରିବେ ଏବଂ ଲିଜ୍ ପ୍ରଦାନକାରୀଙ୍କ ସର୍ତ୍ତାବଳୀ କ୍ରେତାଙ୍କ ନାମକୁ ପରିବର୍ତ୍ତନ କଲାବେଳେ ମଧ୍ୟ ପାଳନ କରିବେ । ନିଗମ ବିକ୍ରୟ ପୂର୍ବରୁ ଏବଂ ପରେ ସଂପୃକ୍ତ ସମ୍ପତ୍ତିର ବାକିଥିବା କୌଣସି ବୈଧିକ ଦେୟ/ ସଂସ୍ଥାର ଦେୟ ପାଇଁ ଦାୟୀ ରହିବ ନାହିଁ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ବିଜ୍ଞାପନଟି ଯେ କୌଣସି ନ୍ୟାୟାଳୟ ଆଦେଶର ଅଧିନ ଅଟେ । ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ । ବିକ୍ରୟର ସମସ୍ତ ସର୍ତ୍ତାବଳୀ ଏବଂ ବିକ୍ରୟ ସଂପର୍କରେ ବିଶେଷ ବିବରଣୀ ଆମ୍ଭ ୱେବ୍ ସାଇଟ 'www.osfcindia.com' ମାଧ୍ୟମରେ ଏବଂ ଟେଣ୍ଡର ଫର୍ମର ସଂଲଗ୍ନ ପରିଶିଷ୍ଟର ସର୍ତ୍ତାବଳୀରେ ଜାଣିପାରିବେ ।

| ବିକ୍ରୟ ସମ୍ପତ୍ତିର ବିବରଣୀ | | |
|---|---|---|
| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
| ୦୧ | ମେସର୍ସ ସେରା ଇଂଜିନିୟରିଙ୍ଗ୍(ପ୍ରା) ଲିଃ, ଶିଳ୍ପାଞ୍ଚଳ, କଳୁଙ୍ଗା, ସୁନ୍ଦରଗଡ (ଜ·ଗୃ·କ)<br>ସଂ·ମୂ - ଟ· ୬୨·୩୦ ଲକ୍ଷ (ରାଉରକେଲା ଶାଖା) | ଟ· ୩,୧୧,୫୦୦/- |
| ୦୨ | ମେସର୍ସ ମହାଲକ୍ଷ୍ମୀ ଇଣ୍ଡଷ୍ଟ୍ରିଜ୍ (ବି), ବିଧାରପୁର, ଗଁଦିଆ ,ଢେଙ୍କାନାଳ (ଜ·)<br>ସଂ·ମୂ - ଟ· ୨·୨୧ ଲକ୍ଷ (ଢେଙ୍କାନାଳ ଶାଖା) | ଟ ୧୧,୧୦୦/- |
| ୦୩ | ମେସର୍ସ ବଗଳା ଷ୍ଟୋନ୍ କ୍ରସର,କଲ୍ୟାଣସିଂହପୁର,ଚଉଦ୍ୱାର, କଟକ (ଜ·ଗୃ)<br>ସଂ·ମୂ - ଟ· ୧·୧୦ଲକ୍ଷ (କଟକ ଶାଖା) | ଟ ୫,୫୦୦/- |
| ୦୪ | ମେସର୍ସ ନିଳାଚଳ ଏଣ୍ଟରପ୍ରାଇଜର୍ସ, ସାରଙ୍ଗ, ଭଟିମୁଣ୍ଡା,ଟାଙ୍ଗୀ, କଟକ (ଜ·ଗୃ)<br>ସଂ·ମୂ - ଟ· ୩·୬୩ଲକ୍ଷ (କଟକ ଶାଖା) | ଟ· ୧୮,୫୦୦/- |

| | | |
|---|---|---|
| ୦୫ | ମେସର୍ସ ମହେଶ ଇଣ୍ଡଷ୍ଟ୍ରିଜ୍ ,ଗୋପାଳପୁର, ବାଙ୍କି, କଟକ (ଜ)<br>ସଂମୂ – ଟ·୨·୪୮ ଲକ୍ଷ (କଟକ ଶାଖା) | ଟ· ୧୨,୪୦୦/- |
| ୦୬ | ମେସର୍ସ ଫାୟାର୍‌କିଙ୍ଗ୍ ରିଫ୍ରାକ୍ଟୋରିଜ (ପ୍ରା) ଲିଃ, ନୂଆ ଶିଳ୍ପାଞ୍ଚଳ, ଫେଜ୍ – ୩, ପ୍ଲଟ୍ ନଂ – ୫୪, ଜଗତପୁର, କଟକ(ଜ·ଗୃ·କ), ସଂମୂ – ଟ· ୬୦·୭୦ଲକ୍ଷ(କଟକ ଶାଖା) | ଟ· ୩,୦୩,୫୦୦/- |
| ୦୭ | ଶେଖ୍ ସବିର୍ ଅଲ୍ଲିଙ୍କ ଟାଟା ଟ୍ରକ୍ **(OR-09C-8508, Kept at OSFC Garage, O T Road, Balasore)** ସଂମୂ – ଟ·୪·୪୯ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୨୨,୫୦୦/- |
| ୦୮ | ମେସର୍ସ ଜେ· ଏସ୍· ପଲିମର (ପ୍ରା) ଲିଃ ଙ୍କ ସ୍ଥାବର ସଂପତ୍ତି , ମୌ– ରାହାଞ୍ଜ,ଭଦ୍ରକ (ଜମି – **Ac** ୧·୧୯ **dec**), ସଂମୂ – ଟ·୫·୨୪ ଲକ୍ଷ (ବାଲେଶ୍ୱର ଶାଖା) | ଟ ୨୬,୨୦୦/- |
| ୦୯ | ମେସର୍ସ ବୃନ୍ଦାବନ ରାଇସ୍ – କମ୍ – ଅଏଲ୍ କ୍ରସିଙ୍ଗ ଇଣ୍ଡଷ୍ଟ୍ରିଜ୍, ଗ୍ରାମ – କତରବାଗା, ଥାନା – ରେଙ୍ଗାଲି, ଜିଲ୍ଲା – ସମ୍ବଲପୁର (ଜ·ଗୃ)<br>ସଂମୂ – ଟ·୮·୨୫ ଲକ୍ଷ/ ଟ·୦·୫୦ଲକ୍ଷ(କ) (ସମ୍ବଲପୁର ଶାଖା) | ଟ· ୪୧,୫୦୦/-(ଜ·ଗୃ)<br>ଟ· ୨,୫୦୦/- (କ) |
| ୧୦ | ମେସର୍ସ ଗଣପତି ଫ୍ଲୋର୍ ମିଲ୍ (ପ୍ରା) ଲିଃ ଙ୍କ ସ୍ଥାବର ସଂପତ୍ତି (ମୌ– ବାଇପଲ୍ଲି, ଥା– ସୋହେଲା, ଜିଲ୍ଲା – ବରଗଡ (ଜମି – **Ac** ୪·୨୦ **dec**), ସଂମୂ – ଟ·୨୯·୪୦ ଲକ୍ଷ (ସମ୍ବଲପୁର ଶାଖା) | ଟ· ୧,୪୭,୦୦୦/- |
| ୧୧ | ମେସର୍ସ ହୋଟେଲ୍ ଉଷା, କଙ୍ଗାରଲାଗା, ସଇଁତଳା,ବଲାଙ୍ଗୀର(ଜ·ଗୃ)<br>ସଂମୂ – ଟ· ୯·୩୨ ଲକ୍ଷ (ବଲାଙ୍ଗୀର ଶାଖା) | ଟ· ୪୬,୬୦୦/- |
| ୧୨ | ମେସର୍ସ ଜୟ୍‌ଗୋପାଳ ଆଗ୍ରୋ ଫୁଡ୍ ପ୍ରଡକ୍ଟସ୍ (ପ୍ରା) ଲିଃ, ପରସମ୍ବା, ପାରଳାଖେମୁଣ୍ଡି, ଗଜପତି (ଜ·ଗୃ) ସଂମୂ – ଟ·୩·୮୪ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୧୯,୨୦୦/- |
| ୧୩ | ଶ୍ରୀ ଶାନ୍ତନୁ କୁମାର ମହାନ୍ତିଙ୍କ **A L Bus No. OR-05F-1115 ( kept at Central Garrage, Cuttack)** ସଂମୂ – ଟ· ୩·୦୦ ଲକ୍ଷ (ପାରାଦୀପ ଶାଖା) | ଟ· ୧୫,୦୦୦/- |
| ୧୪ | ମେସର୍ସ ଇଷ୍ଟର୍ଣ୍ଣ ବାକେରି,ଗ୍ରା/ପୋ – ହାସିନା,ଥା–କୁଜଙ୍ଗ,ଜଗତସିଂପୁର(ଜ·ଗୃ)<br>ସଂମୂ – ଟ·୧୦·୫୫ ଲକ୍ଷ (ପାରାଦୀପ ଶାଖା) | ଟ· ୫୩,୦୦୦/- |
| ୧୫ | ମେସର୍ସ ମହାଲକ୍ଷ୍ମୀ ବକେଟ୍ ଇଣ୍ଡଷ୍ଟ୍ରି, ମୌ– ହରିହରପୁର,ଶରଣକୁଳ, ନୟାଗଡ (ଜ·ଗୃ·କ), ସଂମୂ – ଟ·୫·୬୧ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୨୮,୧୦୦/- |
| ୧୬ | ମହମ୍ମଦ ଜୁଲୁଫିକର ୟୁସୁଫ୍‌ଙ୍କ ସ୍ଥାବର ସଂପତ୍ତି (ମୌ– ମୁକୁନ୍ଦପ୍ରସାଦ,ଥା/ଜିଲ୍ଲା – ଖୋର୍ଦ୍ଧା (ଜମି – **Ac** ୦·୭୭୫ **dec**), ସଂମୂ –ଟ·୪୯·୩୦ ଲକ୍ଷ(ଭୁବନେଶ୍ୱର ଶାଖା) | ଟ· ୨,୪୬,୫୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ, ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜ୍ଜନୀୟ ।

ବି:ଦ୍ର –

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ

ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)

ଜ·ଗୃ·କ – ଜମି, ଗୃହ ଓ କଳକବ୍‌ଜା

ସଂମୂ – ସଂରକ୍ଷିତ ମୂଲ୍ୟ